The Odisha Gazette

EXTRAORDINARY

PUBLISHED BY AUTHORITY

No. 3408 CUTTACK, MONDAY, DECEMBER 5, 2022/MARGASIRA 14, 1944

## ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

The 31st October 2022

No. 1050—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲାର ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣନିମନ୍ତେସରକାର (Appropriate Government)ସରକାରୀ ବ୍ୟୟରେ ମୌଜା–**ଡାକଡୁମୁରି**,ତହସିଲ-ମୁନିଗୁଡା, ଥାନା-ଆମ୍ବାଦୋଲା, ଜିଲ୍ଲା- ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା**ଏ. ୧.୭୪୦ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜ୍ଜୁନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ 2013 (RFCTLAR & R Act-2013) ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୁଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜ୍ଜୁନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬0 ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

# ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ :- ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟର ୩ ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୁଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁSIA STUDY VIDE NO.SIA-945 /NCDSDT. 19.04.2022 ଦ୍ରଷ୍ଟବ୍ୟ

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ଗୁଣୁପୁର

୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡା | ମୁନିଗୁଡ଼ା | ଡାକଡୁମୁରି | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୭.୬୮୦ଡି. | ଏ.୧.୭୪୦ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ, ରାୟଗଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା  ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ଭୂମି ଅଧିଗ୍ରହଣ ଅନୁସୂଚୀ | | | | | | |
|---|---|---|---|---|---|---|
| ମୌଜା-ଡାକଡୁମୁରି(ଗ୍ରାମାଞ୍ଚଳ), ତହସିଲ-ମୁନିଗୁଡା, ଥାନା-ଆମ୍ବାଦୋଲା, ଥାନା ନଂ.୨୬୯ ଜିଲ୍ଲା-ରାୟଗଡା | | | | | | |
| ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ | | | | | | |
| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
| ୭ | ରୟତି | ଡଙ୍ଗର ଦୁଇ | ୧୧୬ | ୦.୨୩୦ | ୦.୨୩୦ | କାଡ୍ରାକା ପୋଙ୍ଗରା, ପି- କାଡ୍ରାକା ବୁରୁଷା, ଜା-କନ୍ଧ, ବା-ନିଜଗାଁ |
| ୫ | ରୟତି | ଡଙ୍ଗର ଦୁଇ | ୪୦ | ୨.୭୮୦ | ୦.୫୭୦ | ଲୁଣ୍ଡୁକା ଦିଆନ ,ପି- ଲୁଣ୍ଡୁକା ରିଷ୍ଟୁ, ଜା-କନ୍ଧ, ବା-ନିଜଗାଁ |
| ୫ | ରୟତି | ଡଙ୍ଗର ଏକ | ୫୮ | ୧.୩୫୦ | ୦.୪୦୦ | ଲୁଣ୍ଡୁକା ଦିଆନ, ପି- ଲୁଣ୍ଡୁକା ରିଷ୍ଟୁ, ଜା-କନ୍ଧ, ବା-ନିଜଗାଁ |
| ୩ | ରୟତି | ଡଙ୍ଗର ଦୁଇ | ୪୬ | ୨.୩୦୦ | ୦.୧୬୦ | କାଡ୍ରାକା ଡମ୍ବୁ , କାଡ୍ରାକା ପତି, ପି- କାଡ୍ରାକା ଗୁଟୁଲି, ଜା - କନ୍ଧ, ବା-ନିଜଗାଁ |
| ୩ | ରୟତି | ଡଙ୍ଗର ଏକ | ୬୧ | ୧.୦୨୦ | ୦.୩୮୦ | କାଡ୍ରାକା ଡମ୍ବୁ, କାଡ୍ରାକା ପତି, ପି- କାଡ୍ରାକା ଗୁଟୁଲି, ଜା-କନ୍ଧ, ବା-ନିଜଗାଁ |
| | | | **ମୋଟ** | **୭.୬୮୦** | **୧.୭୪୦** | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଶ୍ରୀମତୀ ସ୍ୱଧା ଦେବ ସିଂ
ଜିଲ୍ଲାପାଳ, ରାୟଗଡ଼ା

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2778—173+9